# NATIONAL NEWS BULLETIN (ODIA)
## 11 March - 2024
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମରିସସ୍ ଗସ୍ତରେ ଯାଇଛନ୍ତି ।
- ପ୍ରଧାନମନ୍ତ୍ରୀ **ପି.ଏମ୍ ସୂର୍ଯ୍ୟଘର ମୁଫ୍ତ ବିଜ୍ଲି ଯୋଜନା** ଲାଗୁ କରିବାକୁ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।
- ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ ପର୍ଯ୍ୟବେକ୍ଷକ ମାନଙ୍କ ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରିଛି ।
- ଭାରତ ଆଜି ମିଶନ ଦିବ୍ୟାସ୍ତ୍ରର ପରୀକ୍ଷଣ କରିଛି ।

ଏବଂ

- ପାକିସ୍ତାନର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଫେଡେରାଲ କ୍ୟାବିନେଟ୍‌ରେ ଅନ୍ତର୍ଭୁକ୍ତ କରିବାକୁ ୧୯ ଜଣଙ୍କର ନାମ ରାଷ୍ଟ୍ରପତି ଅସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କୁ ସୁପାରିସ କରିଛନ୍ତି ।

# ପ୍ରେସିଡେଣ୍ଟ ମରିସସ୍ ଵିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମରିସସ୍ ଗସ୍ତରେ ଯାଇଛନ୍ତି। ସେଠାରେ ସେ ମରିସସ୍ ଜାତୀୟ ଦିବସ ଉତ୍ସବରେ ମୁଖ୍ୟ ଅତିଥି ହେବେ। ରାଜଧାନୀ ପୋର୍ଟ ଲୁଇସ୍‌ରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜଗନ୍ନାଥ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀମତୀ ମୁର୍ମୁଙ୍କୁ ସାର୍ ସିଓ୍ୱୁ ସାଗର ରାମ ଗୁଲାମ ଆନ୍ତର୍ଜାତିକ ବିମାନ ବନ୍ଦରଠାରୁ ପାଛୋଟି ନେଇଥିଲେ।

ଆମ ସମ୍ବାଦଦାତା ଜଣାଇଛନ୍ତି ମରିସସ୍‌କୁ ତାଙ୍କ ଗସ୍ତର ପ୍ରଥମ ଦିନରେ ଶ୍ରୀମତୀ ମୁର୍ମୁ ମରିସସ୍ ରାଷ୍ଟ୍ରପତି ପୃଥ୍ୱୀରାଜ ସିଂ ରୁପୁନ୍‌ଙ୍କ ସହ ଦ୍ୱିପକ୍ଷୀୟ କଥାବାର୍ତ୍ତା କରିବେ।  ଏହାପରେ ସେ ଆୟୁର୍ବେଦ ଗାର୍ଡନ ଗସ୍ତ କରିବେ ଓ ମରିସସ୍ ରାଷ୍ଟ୍ରପତିଙ୍କୁ ରୁପୟେ କାର୍ଡ ଉପହାର ଦେବେ।

ଶ୍ରୀମତୀ ମୁର୍ମୁ ସାର୍ ସିଓ୍ୱୁ ସାଗର ରାମଗୁଲାମ ବଟାନିକାଲ ଗାର୍ଡନ ପରିଦର୍ଶନ କରିବେ। ସେହି ବଟାନିକାଲ ଗାର୍ଡନ ୩୩ ହେକ୍ଟର ଜମିରେ ରହିଛି ଓ ସେଥିରେ ୭୦୦ କିସମର ବୃକ୍ଷଲତା ରହିଛି। ରାଷ୍ଟ୍ରପତି ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ସିଓ୍ୱୁ ସାଗର ରାମଗୁଲାମ ଓ ସାର୍ ଅନିରୁଦ୍ଧ ଜଗନ୍ନାଥଙ୍କର ସମାଧିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଭାରତ-ମରିସସ୍ ମଧ୍ୟରେ ଦୀର୍ଘଦିନରୁ ଘନିଷ୍ଠ ସମ୍ପର୍କ ରହିଛି। ୧୯୪୮ ମସିହାରୁ ଦୁଇ ଦେଶ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ସାମୁଦ୍ରିକ ସୁରକ୍ଷା ଓ ଦକ୍ଷତା

ବୃଦ୍ଧିରେ ସହଯୋଗକୁ ନୂଆ ଦିଗ ଯୋଗାଇଛି। ଭାରତର ପଡ଼ୋଶୀ ନୀତିରେ ମରିସସ୍ ଏକ ମୁଖ୍ୟ ଦେଶ ଭାବେ ଥିବାରୁ ଭାରତ ମହାସାଗର ଅଞ୍ଚଳରେ ସ୍ଥିରତା ଓ ସୁରକ୍ଷା ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଏହି ଗସ୍ତ ଦ୍ୱିପକ୍ଷୀୟ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବ।

## ପିଏମ୍- ନମୋ ଡ୍ରୋନ୍ ଦିଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନାରୀ ଶକ୍ତିର ମର୍ଯ୍ୟଦା ବୃଦ୍ଧି କରି ଓ ସେମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରି ଯେ କୌଣସି ଦେଶ ବିକାଶ ହାସଲ କରିପାରିବ। ନୂଆଦିଲ୍ଲୀରେ **ସଶକ୍ତ ନାରୀ- ବିକଶିତ ଭାରତ** କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ **'୧ ହଜାର ନମୋ ଡ୍ରୋନ୍ ଦିଦି'** ଙ୍କୁ ଡ୍ରୋନ୍ ହସ୍ତାନ୍ତର କରିଛନ୍ତି। ସେ କହିଛନ୍ତି, ଭାରତର ନାରୀ ଶକ୍ତିର ସଫଳତାକୁ ନେଇ ସମଗ୍ର ଦେଶ ଗୌରବାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ୧ କୋଟି ମହିଳା ଲଖପତି ଦିଦି ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ୨୦୧୪ରେ କ୍ଷମତାକୁ ଆସିବା ପରେ ମହିଳାମାନଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ ଲାଗୁ କରାଯାଇଛି। ଦେଶର ନାରୀଶକ୍ତି ଏକବିଂଶ ଶତାବ୍ଦୀରେ ବୈଷୟିକ ବିପ୍ଳବର ନେତୃତ୍ୱ ନେବ ବୋଲି

ପ୍ରଧାନମନ୍ତ୍ରୀ ଦୃଢ଼ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଆଗାମୀ ବର୍ଷ ଗୁଡ଼ିକରେ ଦେଶରେ ଡ୍ରୋନ୍ ବୈଷୟିକ ଜ୍ଞାନର ପ୍ରସାର ଘଟିବ ଓ **ନମୋ ଡ୍ରୋନ୍ ଦିଦି** ମାନଙ୍କ ପାଇଁ ଅସଂଖ୍ୟ ସୁଯୋଗ ସୃଷ୍ଟି ହେବ। ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ମହିଳା ସଶକ୍ତିକରଣରେ ନୂଆ ଇତିହାସ ରଚିଛନ୍ତି।

ପ୍ରଧାନମନ୍ତ୍ରୀ **ପି.ଏମ୍ ସୂର୍ଯ୍ୟଘର ମୁଫ୍ତ ବିଜ୍‌ଲି ଯୋଜନା** ଲାଗୁ କରିବାକୁ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଗ୍ରାମାଞ୍ଚଳ ମୌଳିକଢାଞ୍ଚାର ବିକାଶ ଓ ଗ୍ରାମାଞ୍ଚଳ ଲୋକମାନଙ୍କର ମୋଟାମୋଟି ଉତ୍ଥାନ ଦିଗରେ ସେମାନେ କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଯେତେବେଳେ ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକୁ କୌଣସି କାର୍ଯ୍ୟ ଆରମ୍ଭ କରିବେ, ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ଗତ ୧୦ ବର୍ଷ ଧରି ସରକାର ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ସମ୍ପ୍ରସାରଣ କରିଛନ୍ତି ଓ ଏଭଳି ଶତକଡ଼ା ୯୮ ଭାଗ ଗୋଷ୍ଠୀ ଗୁଡ଼ିକ ପାଇଁ ବ୍ୟାଙ୍କ ଜମାଖାତା ଖୋଲିବାରେ ସହାୟତା କରିଛନ୍ତି। ଏହି ଗୋଷ୍ଠୀଗୁଡ଼ିକ ପାଇଁ ସହାୟତା ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ଓ ୮ ଲକ୍ଷ କୋଟିରୁ ଅଧିକ ଟଙ୍କା ସେମାନଙ୍କର ଜମାଖାତାରେ ସଞ୍ଚୟ କରାଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଧୁନିକ ମୌଳିକଢାଞ୍ଚା ଯୋଗାଇ ଦିଆଯିବାରୁ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ଆୟ ୩ ଗୁଣା ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଦଶନ୍ଧିରେ ଭାରତରେ

ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକର ବ୍ୟାପକ ସମ୍ପ୍ରସାରଣ ହୋଇଛି । ଏଗୁଡ଼ିକ ମହିଳା ସଶକ୍ତିକରଣରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛନ୍ତି ।

ଏହି ଅବସରରେ ସେ ଲଖପତି ଦିଦି ମାନଙ୍କୁ ସମ୍ମାନିତ କରିଛନ୍ତି । ସେହି ଲକ୍ଷପତି ଦିଦିମାନେ **ଦିନ ଦୟାଲ ଅନ୍ତୋଦୟ ଯୋଜନା– ଜାତୀୟ ଗ୍ରାମୀଣ ଜୀବିକା ନିର୍ବାହ ମିଶନ**ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଓ ଅନ୍ୟ ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକ ପାଇଁ ପ୍ରେରଣା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ୮ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକୁ ଅଳ୍ପ ସୁଧରେ ଦେଇଛନ୍ତି ।

# ପିଏମ୍‌–ନ୍ୟାସନାଲ ହାଇୱେ

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଦ୍ରୁତ ମୌଳିକ ଢାଞ୍ଚା ନିର୍ମାଣ ଭାରତକୁ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବ । ସେ କହିଛନ୍ତି, ୩ ମାସରୁ କମ୍ ସମୟ ମଧ୍ୟରେ ୧୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗୁଡ଼ିକୁ ଉତ୍ସର୍ଗ କରାଯାଇଛି ଓ ଶିଳାନ୍ୟାସ କରାଯାଇଛି । ଶ୍ରୀ ମୋଦୀ ଆଜି ୧୧୨ ନମ୍ବର ଜାତୀୟ ରାଜପଥର ବିଭିନ୍ନ ପ୍ରକଳ୍ପକୁ ଉତ୍ସର୍ଗ ଓ ଶିଳାନ୍ୟାସ କରିଛନ୍ତି । ସେ ଦ୍ୱାରକା ଏକ୍ସପ୍ରେସ ୱେ'ର ୧୯ କିଲୋମିଟର ଦୀର୍ଘ ଗୁରୁଗ୍ରାମ- ହରିୟାଣା ସେକସନ୍‌କୁ ଉଦ୍‌ଘାଟନ କରିଛନ୍ତି । ତାଙ୍କ ସରକାରଙ୍କ ମୌଳିକଢାଞ୍ଚା ବିକାଶ କାର୍ଯ୍ୟକ୍ରମ ବିଷୟରେ ସେ ଉଲ୍ଲେଖ କରିଛନ୍ତି । ଦ୍ୱାରକା ଏକ୍ସପ୍ରେସ୍ ୱେ' ଓ ଦିଲ୍ଲୀ-ମେରଠ ଏକ୍ସପ୍ରେସ୍ ୱେ'

ଭଳି ପ୍ରକଳ୍ପ ଗୁଡ଼ିକର ଠିକ୍ ସମୟରେ ସମ୍ପୂର୍ଣ୍ଣ ହେବା ପ୍ରତି ସେ ଗୁରୁତ୍ୱ ଦେଇଛନ୍ତି। ଦେଶରେ ମୌଳିକଢାଞ୍ଚାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି। ଏହି ସବୁ କାର୍ଯ୍ୟ ଅର୍ଥନୈତିକ ବିକାଶ କରିବା ସହ ନିଯୁକ୍ତି ସୃଷ୍ଟି କରିବ ବୋଲି ସେ କହିଛନ୍ତି।

## ପିଏମ୍-ଫ୍ରେଟ୍ କରିଡ଼ର

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଦୁଇଟି ନୂଆ ଡେଡିକେଟେଡ୍ ଫ୍ରେଟ୍ କରିଡ଼ରକୁ ଉତ୍ସର୍ଗ କରିବେ। ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଡେଡିକେଟେଡ୍ ଫ୍ରେଟ୍ କରିଡ଼ର କର୍ପୋରେସନ ଅଫ୍ ଇଣ୍ଡିଆର ଅପରେସନ୍ ଆଣ୍ଡ ବିଜିନେସ୍ ଡେଭଲପମେଣ୍ଟ ଡାଇରେକ୍ଟର ସୋଭିତ ଭଟ୍ଟନାଗର କହିଛନ୍ତି, ଶ୍ରୀ ମୋଦୀ ୪୦୧ କିଲୋମିଟର ଦୀର୍ଘ ଇଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡ଼ରକୁ ଉଦ୍‌ଘାଟନ କରିବେ। ଏହା ନ୍ୟୁ ଖୁର୍ଜା ଓ ସହନିଓ୍ୱାଲ ସେକସନ୍ ମଧ୍ୟରେ ଅବସ୍ଥିତ। ପ୍ରଧାନମନ୍ତ୍ରୀ ନ୍ୟୁ ମକରପୁରା ଠାରୁ  ନ୍ୟୁ ଘୋଲବାଡ଼ ପର୍ଯ୍ୟନ୍ତ ଓ୍ୱେଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡ଼ରକୁ ଉଦ୍‌ଘାଟନ କରିବେ। ଶ୍ରୀ ଭଟ୍ଟନାଗର କହିଛନ୍ତି, ଇଷ୍ଟର୍ଣ୍ଣ ଡେଡିକେଟେଡ୍ ଫ୍ରେଟ୍ କରିଡ଼ର ଉତ୍ତର ପ୍ରଦେଶ, ପଞ୍ଜାବ ଓ ହରିୟାଣାର ୧୨ଟି ଜିଲ୍ଲା ଦେଇ ଯିବ। ଶତକଡ଼ା ୮୫ରୁ ୯୦ ଭାଗ ମାଲବାହୀ ଟ୍ରେନ୍ ଡେଡିକେଟେଡ୍ ଫ୍ରେଟ୍ କରିଡ଼ର ରେ ଯାତ୍ରା କରିବେ।

# ଇସିଆଇ-ଅବଜର୍ଭର୍ସ

ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ ପର୍ଯ୍ୟବେକ୍ଷକ ମାନଙ୍କ ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରିଛି । ସେହି ପର୍ଯ୍ୟବେକ୍ଷକ ମାନେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୁତୟନ ହେବେ । ବୈଠକ ସମୟରେ ସେମାନଙ୍କର ଭୂମିକା ବିଷୟରେ ଉଲ୍ଲେଖ କରି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଅବାଧ ଓ ନିରପେକ୍ଷ ନିର୍ବାଚନକୁ ନିଶ୍ଚିତ କରିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ, ଅଫିସର, ପୁଲିସ ଅଫିସର, ରାଜସ୍ୱ ସେବା ଅଫିସର ଓ ସେଣ୍ଟ୍ରାଲ ସର୍ଭିସ ଅଫିସରମାନେ ଯୋଗ ଦେଇଥିଲେ । ନିର୍ବାଚନ କମିଶନଙ୍କ ପ୍ରତିନିଧି ଭାବେ ପର୍ଯ୍ୟବେକ୍ଷକମାନେ ପେଶାଗତ ଭାବେ କାର୍ଯ୍ୟ କରିବାକୁ ସେମାନଙ୍କୁ କୁହାଯାଇଛି । ଭୋଟ୍ ଗ୍ରହଣ କେନ୍ଦ୍ରକୁ ଯାଇ ସ୍ଥାନ ସହ ପରିଚିତ ହେବାକୁ ସେମାନଙ୍କୁ କୁହାଯାଇଛି । କେନ୍ଦ୍ରୀୟ ବାହିନୀ ଓ ରାଜ୍ୟବାହିନୀ ଗୁଡ଼ିକର ଯେପରି ଠିକ୍ ଭାବେ ଉପଯୋଗ ହେବ ଓ ସେମାନେ ନିରପେକ୍ଷତା ଅବଲମ୍ବନ କରିବେ ତାହା ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି ।

ସେ କହିଛନ୍ତି, ନିର୍ବାଚନ କମିଶନ ଏହାର ୱେବସାଇଟ୍‌ର ସମସ୍ତ ସର୍କୁଲାର ମାନୁଆଲ୍ ଓ ହ୍ୟାଣ୍ଡବୁକ୍‌ର ସଂଶୋଧନ କରିଛି। ଏହା ଦ୍ୱାରା ସେଗୁଡ଼ିକୁ ସହଜରେ ଖୋଜି ପଢ଼ାଯାଇପାରିବ।

## ସିଏଏ-ରୁଲ୍ସ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୦୧୯ ନାଗରିକ ସଂଶୋଧନ ଆଇନ ଅନୁସାରେ ନିୟମ ଗୁଡ଼ିକ ଉପରେ ବିଜ୍ଞପ୍ତି ଜାରି କରିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମୁଖପାତ୍ର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ନାଗରିକ ସଂଶୋଧନ ଆଇନ-୨୦୨୪ ଭାରତର ନାଗରିକତ୍ୱ ପାଇବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଆବେଦନ କରିବାର ସୁଯୋଗ ଦେବ। ଏହାକୁ ଅନଲାଇନ୍ ମାଧ୍ୟମରେ ଦାଖଲ କରାଯିବ। ନାଗରିକ ସଂଶୋଧନ ଆଇନ ଆଫଗାନିସ୍ତାନ, ବାଙ୍ଗଲାଦେଶ ଓ ପାକିସ୍ତାନର ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଯୋଗ୍ୟ ବ୍ୟକ୍ତିମାନଙ୍କୁ ଭାରତର ନାଗରିକତ୍ୱ ଗ୍ରହଣ କରିବାକୁ ସୁଯୋଗ ଦେବ।

## ପିଏମ୍-ଅଗ୍ନି ଫାଇଭ୍

ଭାରତ ଆଜି ମିଶନ ଦିବ୍ୟାସ୍ତ୍ରର ପରୀକ୍ଷଣ କରିଛି। ଦେଶୀୟ ଜ୍ଞାନକୌଶଳରେ ବିକଶିତ ଅଗ୍ନି-୫ କ୍ଷେପଣାସ୍ତ୍ରର ଏଥିରେ ପରୀକ୍ଷଣ କରାଯାଇଛି। ଏହାର ପରୀକ୍ଷଣ ସହ ଗୋଟିଏ କ୍ଷେପଣାସ୍ତ୍ର ବିଭିନ୍ନ ପ୍ରକାର

ର ଯୁଦ୍ଧ ବିମାନରେ ଖଞ୍ଜା ଯାଇପାରିବାକୁ ନିଶ୍ଚିତ କରାଯାଇଛି। ଏହାର ପ୍ରକଳ୍ପ ନିର୍ଦ୍ଦେଶକ ଜଣେ ମହିଳା ଓ ଏଥିରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରଛନ୍ତି। ମିଶନ ଦିବ୍ୟାସ୍ତ୍ରର ପରୀକ୍ଷଣ ସହ ଭାରତ **MIRV** ଦକ୍ଷ ଦେଶ ଗୁଡ଼ିକ ଶ୍ରେଣୀରେ ସ୍ଥାନ ପାଇଛି। ଏହି ବ୍ୟବସ୍ଥାରେ ଦେଶୀୟ ଆଭିୟୋନିକ୍ସ ସିଷ୍ଟମ ଲଗାଯାଇଛି ଓ ହାଇ-ଆକ୍ୟୁରେସି ସେନ୍‌ସର୍ ଖଞ୍ଜାଯାଇଛି। ଏହା ଯୋଗୁଁ କ୍ଷେପଣାସ୍ତ୍ର ସହଜରେ ଲକ୍ଷ୍ୟଭେଦ କରିବ। ଏହା ମଧ୍ୟ ଭାରତର ବୈଷୟିକ କ୍ଷମତାର ପ୍ରଦର୍ଶନ କରୁଛି।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏଥିପାଇଁ ଇସ୍ରୋ ବୈଜ୍ଞାନିକ ମାନଙ୍କର ପ୍ରଶଂସା କରିଛନ୍ତି।

## ପାକିସ୍ତାନ କ୍ୟାବିନେଟ୍

ପାକିସ୍ତାନର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଫେଡେରାଲ କ୍ୟାବିନେଟ୍‌ରେ ଅନ୍ତର୍ଭୁକ୍ତ କରିବାକୁ ୧୯ ଜଣଙ୍କର ନାମ ରାଷ୍ଟ୍ରପତି ଅସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କୁ ସୁପାରିସ କରିଛନ୍ତି। ସେହି ୧୯ ଜଣଙ୍କର ନାମ ନବନିର୍ବାଚିତ ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କ ପାଖକୁ ପଠାଯାଇଛି। ତାହା ମଧ୍ୟରେ ନ୍ୟାସନାଲ ଆସେମ୍ବ୍ଲିରେ ୧୨ ଜଣ ସଦସ୍ୟଙ୍କର ନାମ ରହିଛି। ଏହାଛଡ଼ା ୩ ଜଣ ସିନେଟ୍ ସଦସ୍ୟଙ୍କର ମଧ୍ୟ ନାମ ରହିଛି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଏକ ବଡ଼ ବୈଠକ ଡକାଇବାର ଦିନକ ପରେ ଏହା କରିଛନ୍ତି। ପାକିସ୍ତାନ ମୁସଲିମ୍ ଲିଗ୍ ସଭାପତି ଶେହବାଜ ସରିଫଂ ମାର୍ଚ୍ଚ ୪ ତାରିଖରେ ପାକିସ୍ତାନର ୨୪ତମ ପ୍ରଧାନମନ୍ତ୍ରୀଭାବେ ଶପଥ ନେଇଥିଲେ।